ଭୁବନେଶ୍ୱର
ସୋମବାର
୧୯ ମାର୍ଚ୍ଚ, ୨୦୧୮
● ପ୍ରାତଃ ସଂସ୍କରଣ ●
RNI No- ORIORI 2003/10995
Bhubaneswar
Vol - XV
Issue - 352
March 19, 2018

ପ୍ରତିଦିନ
PRATIDIN

ଭଗବାନଙ୍କ ବ୍ୟତୀତ କାହାକୁ ଡରେନା

୮ ପୃଷ୍ଠା ମୂଲ୍ୟ – ୨ ଟଙ୍କା e-mail : pratidin.daily@gmail.com ₹ 2.00

ଓଡ଼ିଶାର ପ୍ରଶଂସାକରି ବାହୁଡ଼ିଗଲେ ରାଷ୍ଟ୍ରପତି

ଆଇସିଟି ମୁମ୍ବାଇ,– ଇଣ୍ଡିଆନ ଅଏଲ କ୍ୟାମ୍ପସ୍‌ର ଶୁଭ ଉଦ୍‌ଘାଟନ

ଏସଡିଆଇ ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

ଆଇଆଇଟିର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ

ଭୁବନେଶ୍ୱର, ୧୮।୩ (ନି.ପ୍ର): ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ଏହିପରି ପ୍ରଥମ ଇନଷ୍ଟିଚ୍ୟୁଟ୍ ହେବ। ଏହା ଆଗାମୀ ଦଶବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖିଥିବା ଜାଣି ମୁଁ ଅତ୍ୟନ୍ତ ଖୁସି। ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି) ମୁମ୍ବାଇ ଇଣ୍ଡିଆନ ଅଏଲ କ୍ୟାମ୍ପସ୍‌ର ଶୁଭ ଉଦ୍‌ଘାଟନ ଓ ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ) ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନାକରି ଏହା କହିଛନ୍ତି ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ଆଇଆଇଟିର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଟି ବିଦ୍ୟାର୍ଥୀ ନିଜ ପାଇଁ ନୁହେଁ, ବରଂ ସମାଜ, ଦେଶ ଓ ବିଶ୍ୱ ପାଇଁ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଦକ୍ଷତା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟଙ୍କର ପ୍ରଶଂସା କରିଥିଲେ ରାଷ୍ଟ୍ରପତି। ସେ କହିଥିଲେ ଯେ, ଅରଗୁଳରେ ଆଇଆଇଟି ପ୍ରତିଷ୍ଠା ହୋଇଥିବାରୁ ସମସ୍ତେ ଧନ୍ୟ। ଏହି ଅଞ୍ଚଳ ବୀର ପାଇକଙ୍କ ମାଟି। ୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ଏଠାରେ ପାଇକ ବିଦ୍ରୋହ ହୋଇଥିଲା। ଆଇଆଇଟି ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଇଆଇଟିରେ ପଢୁଥିବା ଯୁବ ଛାତ୍ରମାନେ ସେମାନଙ୍କ ସମ୍ମୁଖରେ ଥିବା ଆହ୍ୱାନର ସାମ୍ନା କରନ୍ତୁ। ଶିକ୍ଷାଦାନ ହେଉ, ଅନୁସନ୍ଧାନ ହେଉ ବା ଭିତ୍ତିଭୂମି ଉପରେ ପ୍ରଭାବ ନେଇ ହେଉ, ଏ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ସେମାନେ ଚେଷ୍ଟା କରନ୍ତୁ।

ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଦୁଇଟି ଅନୁଷ୍ଠାନ ଓଡ଼ିଆ ଯୁବପିଢିଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ। ସେ କହିଥିଲେ, ଆଇସିଟି ମୁମ୍ବାଇ ଇଣ୍ଡିଆନ ଅଏଲ କ୍ୟାମ୍ପସ୍ ଓ ଏସ୍‌ଡିଆଇ କ୍ୟାମ୍ପସ୍ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଉଦ୍ୟମରେ ଓଡ଼ିଶାରେ ସ୍ଥାପିତ ହେଉଛି। କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ ଆଇସିଟି ମୁମ୍ବାଇର ଓଡ଼ିଶା କ୍ୟାମ୍ପସ୍ ଏହାର ଶିକ୍ଷାର୍ଥୀଙ୍କ ପାଇଁ ବଡ ସୁଯୋଗ ଉପଲବ୍ଧ କରାଇବ। ସମଗ୍ର ବିଶ୍ୱ ଓ ଦେଶରେ ପଲିମର୍‌ର ଚାହିଦା ଦ୍ରୁତ ବେଗରେ ବଢି ଚାଲିଛି। ଭାରତରେ ତୈଳ ବିଶୋଧନ କ୍ଷମତା ବାର୍ଷିକ ୨୪୭ ନିୟୁତ ମେଟ୍ରିକ ଟନ୍ ହୋଇଥିବାବେଳେ ଦେଶରେ ମୋଟ୍ ୧୯୪ ନିୟୁତ ମେଟ୍ରିକ ଟନ୍‌ର ଚାହିଦା ରହିଛି। ପେଟ୍ରୋଲିୟମ୍ ଉତ୍ପାଦର ରପ୍ତାନି କରୁଥିବା ଭାରତ ପାଖରେ ପ୍ରଚୁର ମାତ୍ରାରେ ପେଟ୍ରୋ କେମିକାଲ ଉତ୍ପାଦର ମୂଲ୍ୟ ଯୁକ୍ତ କରିବା ପାଇଁ ବ୍ୟାପକ ମାତ୍ରାରେ ନାଫତା ଉପଲବ୍ଧ ରହିଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ବିଶ୍ୱରେ ମୁଣ୍ଡ ପିଛା ପଲିମର୍ ଆବଶ୍ୟକତା ୩୨ କେଜି ଥିବାବେଳେ ଭାରତରେ ୧୦ କେଜି ଓ ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ପୂର୍ବ ଭାରତ ରାଜ୍ୟରେ ରାଷ୍ଟ୍ରୀୟ ହାରାହାରି ବ୍ୟବହାରଠାରୁ ଅଧା ରହିଛି। ପୂର୍ବ ଭାରତ ଓ ଦେଶରେ ପଲିମର ଚାହିଦାର ଦ୍ରୁତ ବୃଦ୍ଧି ଦୃଷ୍ଟିରୁ ପେଟ୍ରୋକେମିକାଲ ଶିଳ୍ପର ମଧ୍ୟ ଦ୍ରୁତ ବୃଦ୍ଧି ଘଟିବ। ଓଡ଼ିଶାରେ ଆଇସିଟି –ଇଣ୍ଡିଆନ ଅଏଲ କ୍ୟାମ୍ପସ୍ ଏହି ଶିଳ୍ପକୁ ଦ୍ରୁତ ଗତି ଦେବାପାଇଁ ଉତ୍ତମ ମାନବ ସମ୍ବଳ ଯୋଗାଇବ। ଆଇସିଟି–ଆଇଓସି କ୍ୟାମ୍ପସ୍‌ରେ ୫ ଶହ କୋଟି ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କ୍ୟାମ୍ପସ୍ ଗଢି ଉଠିବ। ଭାରତୀୟ ତୈଳ ନିଗମ ଶିଳ୍ପ ସହଯୋଗୀ ଭାବରେ ଛାତ୍ରଛାତ୍ରୀଙ୍କୁ ସହଯୋଗ ଯୋଗାଇ ଦେବାବେଳେ ଏହି କ୍ୟାମ୍ପସ୍ ବୌଦ୍ଧିକ ମେରୁଦଣ୍ଡର କାମ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ।

ଏହାସହ ଅସ୍ଥାୟୀ ଭାବେ ଚାଲୁଥିବା ଏସଡିଆଇ କ୍ୟାମ୍ପସ ୫ ଶହ କୋଟି ଟଙ୍କା ବ୍ୟୟରେ ଜଟଣୀର ତରାବୋଇ ଠାରେ ପ୍ରତିଷ୍ଠିତ ହୋଇ ଯୁବପିଢିଙ୍କ ପାଇଁ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦକ୍ଷତା ବିକାଶ, ନିଯୁକ୍ତି ଓ ଉଦ୍ୟମିତାର କେନ୍ଦ୍ରସ୍ଥଳ ହୋଇପାରିବ। ୨୦୨୦ ମସିହା ସୁଦ୍ଧା ଭାରତର ହାରାହାରି ବୟସ ୨୯ ବର୍ଷ ହେଉଥିବାବେଳେ ଏହା ବିଶ୍ୱର ସବୁଠାରୁ ଯୁବ ଦେଶର ମାନ୍ୟତା ପାଇବ। ଏହି ଯୁବ ଜନସଂଖ୍ୟାର ଲାଭ ଦେଶର ଅର୍ଥନୀତି ଯେପରି ଉଠାଇ ପାରିବ ସେଥିପାଇଁ ଓଡ଼ିଶାରେ ଏହି ଦୁଇଟି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ।

ଏହି ଉତ୍ସବରେ ରାଜ୍ୟପାଳ ଏସ୍‌ସି ଜମିର ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡା. ସତ୍ୟପାଲ ସିଂହ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ମଧ୍ୟ ପୁରୀରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତବାର୍ଷିକୀ ସମାରୋହରେ ଯୋଗ ଦେଇଥିଲେ। ସଂସ୍କୃତ ଭାଷା ଦେବଭାଷା, ଜ୍ଞାନ ବିଜ୍ଞାନ ସଂସ୍କୃତ ଭାଷା ଯୋଗୁ ଆଗକୁ ବଢିଛି ବୋଲି କହିଥିଲେ। ଶ୍ରୀଜଗନ୍ନାଥଙ୍କ ପବିତ୍ର ନବକଳେବର ୨୦୧୫ ସ୍ମାରକୀ ଉପଲକ୍ଷେ ନବକଳେବର ମୁଦ୍ରା ଉନ୍ମୋଚନ କରିଥିଲେ।

ଦୁଇଦିନିଆ ଓଡ଼ିଶା ଗସ୍ତ ଶେଷକରି ରାଷ୍ଟ୍ରପତି ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରି ଯାଇଥିଲେ।

ଶ୍ରୀଜୀଉଙ୍କୁ ଦର୍ଶନ କଲେ

ପୁରୀ, ୧୮।୩ (ନି.ପ୍ର): ରବିବାର ସକାଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସପତ୍ନୀକ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବାସହ ବେଢ଼ା ପରିକ୍ରମା କରିଥିଲେ। ବାଇଶି ପାହାଚ ଦେଇ ଗର୍ଭଗୃହ ମଧ୍ୟକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବାସହ ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ମଧ୍ୟ ଯାଇଥିଲେ ରାଷ୍ଟ୍ରପତି। ଶ୍ରୀମନ୍ଦିରରେ ଭକ୍ତମାନଙ୍କୁ ଆହୁରି ସୁବିଧା ସୁଯୋଗ ଓ ଶ୍ରୀମନ୍ଦିରର ଅଧିକ ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦେଶବାସୀଙ୍କ ସୁଖ ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ସେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ବୋଲି କହିଥିଲେ।

ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାପାଇଁ ଶ୍ରୀମନ୍ଦିରରେ ଗଜପତି ମହାରାଜଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପଟ୍ଟଚିତ୍ର ଓ ଖଣ୍ଡୁଆ ପ୍ରଦାନ କରାଯାଇଥିଲା।